## ପୋଖରୀରେ ବୁଡ଼ି ଯୁବକ ମୃତ

ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଦାରୁଭଦ୍ରା ଗ୍ରାମର ଏକ ପୋଖରୀରେ ବୁଡ଼ି ରବିବାର ଟିକିନା ପ୍ରସାଦ ପାଢ଼ି (୩୮)ଙ୍କ ମୃତ୍ୟୁ ଘଟିଛି । ସେ ସନ୍ଧ୍ୟାରେ ଶଶୁର ଘର ହିଞ୍ଜିଳି ଥାନା ଦାରୁଭଦ୍ରା ଗ୍ରାମ ପୋଖରୀରେ ଶୌଚ ହେବାପାଇଁ ଯାଇଥିଲେ। ତେବେ ଗାଧୋଉଥିବା ବେଳେ ପୋଖରୀ ପାଣିରେ ବୁଡ଼ି ଯାଇଥିଲେ। ଟିକିନାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆବଶ୍ୟକ ୧୨୮, ଅଛନ୍ତି ୨୮ ଡାକ୍ତର




## ଜିଲାରେ ୨୦୭ ପଦବୀ ଖାଲି

କେବଳ ଜିଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ଜିଲାରେ ଥିବା ଭିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକଗୁଡିକରେ ମଧ୍ୟ ଡାକ୍ତର କର୍ମଚାରୀ ପଦବୀ ଖାଲି ପଡ଼ିଛି। ଜିଲାରେ ମୋଟ ୩୧୫ ଡାକ୍ତର ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୧୦୮। ୨୦୭ ପଦବୀ ଖାଲିପଡିଛି। ସେହିପରି ୩୯୯ ନର୍ସ ଆବଶ୍ୟକ ଥିବା ବେଳେ ୧୭୮ ଜଣ ଅଛନ୍ତି। ୨୨୧ ନର୍ସ ପଦବୀ ଖାଲିପଡ଼ିଛି। ୫୧ ଜଣ ଫାର୍ମାସିଷ୍ଟ ଆବଶ୍ୟକ ରହିଥିବା ବେଳେ ୨୩ ଗଣ ଅଛନ୍ତି। ୩୭ ଟେକ୍ନିସିଆନଙ୍କ ସ୍ଥାନରେ ଅଛନ୍ତି ୧୩। ୨୪ ପଦବୀ ଖାଲିପଡିଛି । ସେହିପରି ରେଡ଼ିଓଲୋଜି ଆବଶ୍ୟକ ୧୧, ଅଛନ୍ତି ୪। ଏଭଳି ସ୍ଥିତରୁ ଜିଲାରେ ସ୍ୱାସ୍ଥ୍ୟ ସେବା କିଭଳି ଚାଲିଥିବ ତାହା ସହଜେ ଅନୁମାନ କରାଯାଇପାରେ।

**ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ**

ପାରଳାଖେମୁଣ୍ଡି,୨୮।୭(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିଲେ ମଧ୍ୟ ଡାକ୍ତର, ନର୍ସ ଓ ଟେକ୍ନିସିଆନ ଅଭାବ ଥିବାରୁ ରୋଗୀଙ୍କୁ ସେବା ମିଳିପାରୁନି। ଏହି ଚିକିତ୍ସାଳୟ ଉପରେ ଜିଲାର ୭ଟି ବ୍ଲକ ସମେତ ପଡୋଶୀ ରାୟଗଡା ଜିଲା ଓ ଆନ୍ଧ୍ରପ୍ରଦେଶର ରୋଗୀମାନେ ମଧ୍ୟ ନିର୍ଭର କରିଥାନ୍ତି। ହେଲେ ଏଠାରେ ବର୍ତ୍ତମାନ ଏକ ସାଙ୍ଗେ ଡାକ୍ତର, ନର୍ସ, ଟେକ୍ନିସିଆନ, କର୍ମଚାରୀ ଅଭାବ ଦେଖାଦେଇଛି। ଆଇସିୟୁ, ଏସଏନସିୟୁ, ସିଟି ସ୍କାନ ଆଦି ସମସ୍ତ ସୁବିଧା ରହିଥିଲେ ମଧ୍ୟ କୌଣସିଟି କାର୍ଯ୍ୟରେ ଲାଗୁନି। ରୋଗୀ ସେବା ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତରେ ରହିଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୧୨୮ ଜଣ ଡାକ୍ତର ଆବଶ୍ୟକ ରହିଥିବା ବେଳେ ଅଛନ୍ତି ମାତ୍ର ୨୮ ଜଣ। ସେଥିମଧ୍ୟରୁ ୧୨ଜଣ ଲମ୍ବା ଛୁଟିରେ ଚାଲି ଯାଇଛନ୍ତି। ଆନାସ୍ଥେସିଆ ଡାକ୍ତର ଅଭାବରୁ କୋଣସି ଅସ୍ତ୍ରୋପଚାର ହେଉନି। ଶିଶୁ ରୋଗ ବିଶେଷଜ୍ଞ ଆଦୌ ନାହାନ୍ତି। କେବଳ ଜଣେ ଅସ୍ଥି ବିଶେଷଜ୍ଞ, ଜଣେ ଭେଷଜ, ଆଉ କେତେଜଣ ଟେକ୍ନିସିଆନଙ୍କ ଭରସାରେ ଚାଲିଛି ଜିଲା ମୁଖ୍ୟ ଚିକିତ୍ସାଳୟ। ଡାକ୍ତର ଆସୁଛନ୍ତି, ହେଲ କିଛି ଦିନ ରହି ସେମାନେ ଚାଲି ଯାଉଛନ୍ତି। ଯଦ୍ଦ୍ୱାରା ରୋଗୀ ଆସିବା ମାତ୍ରେ ଆନ୍ଧ୍ର କିମ୍ବା ବ୍ରହ୍ମପୁର ରେଫର ହେଉଛନ୍ତି। ଏହି କାରଣରୁ ଘରୋଇ ହସ୍ପିଟାଲର ମାଲମାଲ ଦଲାଲ ମୁଖ୍ୟ ଚିକିତ୍ସାଳୟରେ ବୁଲୁଥିବା ଦେଖିବାକୁ ମିଳୁଛି। ବିଏସକେୱାଇ ହିତାଧିକାରୀ ଓ ଧନୀକ ଶ୍ରେଣୀର ଲୋକେ ଯେମିତି ହେଉ ଆନ୍ଧ୍ରର ଘରୋଇ ହସ୍ପିଟାଲକୁ ଚିକିତ୍ସିତ ହେଇପାରୁଥିବା ବେଳେ ଜିଲାର ସଂଖ୍ୟାଧିକ ମଧ୍ୟବିତ୍ତ ପରିବାର ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରି ବହୁ ଅସୁବିଧା ଭୋଗୁଥିବା ସ୍ଥାନୀୟ ବାସିନ୍ଦା ଟିକିନା ପାତ୍ର, ଗଣେଶ ବିଶ୍ୱାଳ ପ୍ରମୁଖ କହିଛନ୍ତି। ବିକଳ୍ପ ପାଇଁ ଅନ୍ୟ କୋଣସି ଘରୋଇ ଚିକିତ୍ସାଳୟ ମଧ୍ୟ ଜିଲାରେ ନାହିଁ । ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହମ୍ମଦ ମୁବାରଖ ଅଲିଙ୍କ କହିଛନ୍ତି ଯେ, ପ୍ରତି ମାସରେ ଜିଲା ପ୍ରସାଶନ ଓ ରାଜ୍ୟ ସରକାରଙ୍କୁ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ତାଲିକା ପଠାଯାଉଛି। କିନ୍ତୁ ନୂଆ ନିଯୁକ୍ତି ହୋଇପାରିନାହିଁ। ସରକାରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଅପେକ୍ଷା କରାଯାଇଛି। ବର୍ତ୍ତମାନ ପାଗର ପରିବର୍ତ୍ତନ ହେତୁ ଆବାଳ ବୃଦ୍ଧ ସମସ୍ତେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଯୁଦ୍ଧକାଳୀନ ଭିତ୍ତିରେ ଡାକ୍ତରଙ୍କ ନିଯୁକ୍ତି କରିବା ଜରୁରୀ ହୋଇପଡିଛି।

## ଖାଡ଼ାବାନ୍ତି ବ୍ୟାପିଥିବା ଗ୍ରାମରେ ମନ୍ତ୍ରୀଙ୍କ ସ୍ଥିତି ଅନୁଧ୍ୟାନ


ସ୍ଥିତି ଅନୁଧ୍ୟାନ କରୁଛନ୍ତି ମନ୍ତ୍ରୀ।

ବୁଗୁଡା,୨୮।୭(କାଳିଚରଣ ଦାଶ)

ଖାଡ଼ାବାନ୍ତି ବ୍ୟାପିଥିବା ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତ ଅନ୍ତର୍ଗତ ପୁରୁଣା ଦଦରାଖୋଲ ଗ୍ରାମରେ ରବିବାର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦଦରାଖୋଲ ଗ୍ରାମକୁ ଗସ୍ତ କରି ମନ୍ତ୍ରୀ ଆକ୍ରାନ୍ତ ପରିବାରକୁ ଭେଟିବା ସହ ମେଡିକାଲ ଟିମ୍ ସହ ଆଲୋଚନା ପରେ ଗ୍ରାମର ପିଇବା ପାଣିର ନମୁନା ଦେଖିଥିଲେ। ଦୂଷିତ ପାଣି ପିଇ ଖାଡ଼ାବାନ୍ତି ବ୍ୟାପିଥିବା ମେଡିକାଲ ଟିମ୍ କହିବା ପରେ ତୁରନ୍ତ ଗ୍ରାମରେ ନୂତନ ନଳକୂପ ଖୋଲିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ।

## ବେଆଇନ ବାଲିଘାଟରେ ସୋରଡ଼ା ବିଧାୟକଙ୍କ ଚଢ଼ାଉ

ଭଞ୍ଜନଗର,୨୮।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାର ଅଧିକାଂଶ ତହସିଲ ଅଞ୍ଚଳରେ ବେଆଇନ ଭାବେ ଲଘୁଖଣିଜ ଯଥା ବାଲି, ପଥର, ମୋରମ, ଗୋଡ଼ି, ମେଟାଲ ଆଦି ଚୋରାରେ ଚାଲାଣ ହେଉଛି। ଅଧିକାଂଶ ବାଲିଘାଟ, ପଥର କ୍ୱାରୀ, ମୋରମ ଘାଟଗୁଡିକ ନିଲାମ ହୋଇ ନ ଥିବା ଯୋଗୁ ଏହି ସମସ୍ୟା ରହିଛି। ଏଥିସହ କେତେକ ସ୍ଥାନରେ ନିଲାମ ହୋଇଥିଲେ ମଧ୍ୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶ କଡ଼ାକଡି ଭାବେ ପାଳନ ହେଉନାହିଁ। ମାଫିଆ ଏବଂ କିଛି ଲାଭଖୋର କର୍ମଚାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ସରକାର ଏ ବାବଦରେ ବର୍ଷକୁ ବହୁ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ରବିବାର ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ପୋଲସରାରୁ ଭାଜପା ଯୁବ ମୋର୍ଚ୍ଚା ବୈଠକରେ ଯୋଗଦେଇ ଗାଙ୍ଗପୁର ଫେରୁଥିବା ବେଳେ ବାଟରେ ଏକ ବାଲିଘାଟରୁ ବେନିୟମ ଭାବେ ବାଲି ଚାଲାଣ ହେଉଥିବା ଦେଖିଥିଲେ। ବିଧାୟକ ଗାଡ଼ି ଚାଳକଙ୍କୁ ରସିଦ୍ ମାଗିଥିଲେ। କିନ୍ତୁ ଚାଳକମାନେ ରସିଦ ଦେଖାଇ ପାରି ନ ଥିଲେ। ଏହାପରେ ସେ ଗାଙ୍ଗପୁର ପୋଲିସ, ଜିଲା ଲଘୁ ଖଣିଜ ଦ୍ରବ୍ୟ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ କିଛି ବାଲି ଗାଡ଼ିକୁ ଥାନାକୁ ନେଇଛି। ମାଲିକ ଜରିମାନା ଦେବା ପରେ ଗାଡ଼ିଗୁଡିକୁ ଛଡାଯିବ। ଅପରପକ୍ଷେ ବିଧାୟକ ବିଷୋୟୀ ଗଣମାଧ୍ୟମକୁ କହିଛନ୍ତ, ଆମେ ହେଉଛୁ ଲୋକଙ୍କ ଚାକର। ଲୋକଙ୍କ ହିତ ପାଇଁ ଯାହା ଆବଶ୍ୟକ କରାଯିବ। ବିଜେଡି ସରକାରରେ ମାଫିଆମାନେ ଏଠାରୁ ରାଜ୍ୟ ବାହାରକୁ ବାଲି ଚାଲାଣ କରୁଥିଲେ। ଏଣିକି ରାଜ୍ୟରେ ମାଫିଆରାଜ ଚାଲିବ ନାହିଁ। ଯେଉଁଠି ବେନିୟମ କାର୍ଯ୍ୟ ଚାଲିଥିବା ଜଣାପଡ଼ିବ ଦମନ କରିବି ବୋଲି ନୀଳମଣି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ବେପାରୀ ଗିରଫ

ଫିରିଙ୍ଗିଆ,୨୮।୭(ବିକ୍ରମ ଦିଗାଲ)

ଫିରିଙ୍ଗିଆ ପୋଲିସ ଏକ ବୋଲେରୋ ସହ ୧୩ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ରବିବାର ଜଣେ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଆଠୁପଡ଼ା ଗାଁର ଭାଗିରଥି ବେହେରାଙ୍କ ପୁଅ ଶ୍ୟାମସୁନ୍ଦର ବେହେରା। ସେ ବୋଲେରୋରେ ନୟାଗଡ଼ ଅଞ୍ଚଳରୁ କାଠ ତିଆରି ସାମଗ୍ରୀ ବିକ୍ରି କରିବା ବାହାନାରେ ଆସି କନ୍ଧମାଳରୁ ନୟାଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶନିବାର ସ୍ଥାନୀୟ ପୋଲିସର ଟିମ ପାଟ୍ରୋଲିଂ କରୁଥିବା ସମୟରେ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ନିକଟରେ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ଅଟକେଇ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ବାହାରିଥିଲା। ଏ ନେଇ ଫିରିଙ୍ଗିଆ ପୋଲିସ ନଂ ୧୫୬/୨୪ରେ ମାମଲା ରୁଜୁ କରିଛି।

### ଋଷିକୁଲ୍ୟାରେ ବୁଡ଼ି ଜଣେ ମୃତ

ଆସିକା,୨୮।୭(ସୁରେନ୍ଦ୍ର ନାଥ ସାହୁ)

କୋଦିନଡା ଥାନା ଅନ୍ତର୍ଗତ ପଡାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଋଷିକୁଲ୍ୟା ନଦୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ଅର୍ଜ୍ଜୁନ ନାୟକ (୬୨)। ଅସାବଧାନତାରୁ ଅର୍ଜ୍ଜୁନ ନଦୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ କୋଦିନଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ କୋଦିନଡା ଥାନାରେ ନଂ.୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା କହିଛନ୍ତି।

### ସିଡିପିଓଙ୍କୁ ଧମକ ଦେଇ ଜଣେ ଗିରଫ

ଭଞ୍ଜନଗର,୨୮।୭(ବାବୁଲା ପ୍ରଧାନ)

ସୋରଡା ସିଡିପିଓଙ୍କୁ ଧମକାଇ ଟଙ୍କା ଆଦାୟ ଅଭିଯୋଗରେ ପୋଲିସ ଶନିବାର ରାତିରେ ଭାଜପା ସମର୍ଥକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଗିରଫ କରିଛି। ଜାନକୀ ନିଜକୁ ଜଣେ ଅଫିସର କହି କିଛି ଦିନ ପୂର୍ବେ ସିଡିପିଓଙ୍କୁ ଧମକ ଦେଇ ୨ ଲକ୍ଷ ଟଙ୍କା ମାଗିଥିଲେ। ସିଡିପିଓ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଜାନକୀଙ୍କୁ ଗିରଫ କରିଛି। ଏହା ପୂର୍ବରୁ ମଧ୍ୟ ଜାନକୀ ଆଉ ଏକ ଠକେଇ ମାମଲାରେ ଜେଲ ଯାଇ କିଛିଦିନ ପୂର୍ବେ ଜାମିନରେ ଆସିଥିଲେ ବୋଲି ଜଣାପଡିଛି।

### ଗଞ୍ଜେଇ ଜବତ, ୨ ଗିରଫ

ଆସିକା,୨୮।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା-ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର ଆସିକା ସହର ଉପକଣ୍ଠ ନଳବଣ୍ଟା ଗ୍ରାମ ନିକଟରୁ ଶନିବାର ରାତିରେ ଏକ ବସରୁ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ରାଜ୍ୟ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ଏକ ଟିମ କୌଣସି ସୂତ୍ରରୁ ଖବରପାଇ ଫୁଲବାଣୀରୁ ବ୍ରହ୍ମପୁର ଯାଉଥିବା ଉକ୍ତ ବସରୁ ୧୬ କେଜି ଗଞ୍ଜେଇ ଜବତ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କେରଳର ଅରୁଣ ପ୍ରକାଶ ଓ ଫିଲତୋସ। ଉଭୟଙ୍କୁ ରବିବାର ଏନସିବି.ପକ୍ଷରୁ ସ୍ଥାନୀୟ ଅଦାଲତରେ ହାଜର କରାଯାଇଛି।

### ରଟିଙ୍ଗିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଜି.ଉଦୟଗିରି,୨୮।୭(ଶିଶିର ପଟ୍ଟନାୟକ)

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରଟିଙ୍ଗିଆଠାରେ ୩୦ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଓ ଏପିଜେ ଅବଦୁଲ କଲାମଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅବଦୁଲ କଲାମଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ, ନୀରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ବିଶ୍ୱନାଥ ନାୟକ, ଶ୍ରୀକରଭଞ୍ଜ ପ୍ରଧାନ ଓ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏନ୍ ଲୁକ୍, ପୂର୍ବତନ ସଭାପତି ଫିଲିମନ ପ୍ରଧାନ, ପ୍ରତିଷ୍ଠାତା ସଭ୍ୟ ଅଭିମନ୍ୟୁ ମଲ୍ଲିକ ଓ ପଞ୍ଚସଖା ଶିକ୍ଷା ଅଭିଯାନର ସଭାପତି ହୃଷିକେଶ ପ୍ରଧାନ ଉପସ୍ଥିତ ଥିଲେ। ଏଥିସହିତ ବିଦ୍ୟାଳୟର ପୁରାତନ ଛାତ୍ର ଏନ୍ ଲୁକ ଓ ହୃଷିକେଶ ପ୍ରଧାନ ନିଜର ଛାତ୍ର ଜୀବନର ଅନୁଭୂତି କହିଥିଲେ। କାର୍ଯ୍ୟକ୍ରମରେ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ସମ୍ମାନ କରାଯାଇଥିଲା।

**ଝୁଙ୍କାପଡ଼ା ପଞ୍ଚାୟତରେ ଦୁର୍ନୀତି**

## ଗୋଟିଏ କାମକୁ ଦୁଇଥର ନାଁ ବଦଳାଇ ଅର୍ଥ ଆତ୍ମସାତ୍


ଲୋକାୟୁକ୍ତ ଭୁବନେଶ୍ୱରରୁ ଦୁଇ ଜଣିଆ ଟିମ୍ ସିଭିଲ ଇଞ୍ଜିନିୟରିଂ ଡାଇରେକ୍ଟର ମାନଗୋବିନ୍ଦ ବିଶ୍ୱାଳ ଓ ତାଙ୍କ ସହଯୋଗୀ ତଦନ୍ତ କରୁଛନ୍ତି।

**ତଦନ୍ତ ପାଇଁ ପହଞ୍ଚିଲେ ଲୋକାୟୁକ୍ତ ଟିମ୍**

ପୋଲସରା,୨୮।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଝୁଙ୍କାପଡ଼ା ଗ୍ରାମ ପଞ୍ଚାୟତରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଲୋକାୟୁକ୍ତ ଭୁବନେଶ୍ୱରରୁ ଦୁଇ ଜଣିଆ ଟିମ୍ ସିଭିଲ ଇଞ୍ଜିନିୟରିଂ ଡାଇରେକ୍ଟର ମାନଗୋବିନ୍ଦ ବିଶ୍ୱାଳ ଓ ତାଙ୍କ ସହଯୋଗୀ ଆସି ଝୁଙ୍କାପଡ଼ା ପଞ୍ଚାୟତର ବଉଦିଆପଲ୍ଲୀ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କାଦୁଆ ଘାଇ ଯାହାର କାର୍ଯ୍ୟ କୋଡ ନମ୍ବର୍ ୧୦୩୭୪୭୫୮ରେ ପୂର୍ବରୁ ୨୦୨୨/୨୩ରେ ୧୦୧୮୮୦ ଟଙ୍କା ବିଲ୍ କରାଯାଇ ୨୬/୧୨/୨୦୨୨ରେ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ତାକୁ ପୁଣି ଚଞ୍ଚକତା କରି ୮ ଦିନ ପରେ ୦୩/୦୧/୨୦୨୩ରେ କଦୁଆ ଘାଇ ନାମ ବଦଳାଇ ପୁଣି କାଡ଼ିଆ ଘାଇ, ଯାହାର କାର୍ଯ୍ୟ କୋଡ ନମ୍ବର୍ ୧୦୫୭୯୮୨୨ରେ ପୁଣି ୪୨୭୮୦୪ ଅର୍ଥ ଆତ୍ମସାତ କରିଛନ୍ତି । ଘାଇକୁ ଦୁଇ ଦୁଇ ଥର ବିଲ୍ କରିଥିବା ଜଣାପଡ଼ିଛି। ସେହିପରି କଣିଆପଲ୍ଲୀ ହଜନାଳର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରି ୪୨୫୮୬୦ ଟଙ୍କା ଅର୍ଥ ଆତ୍ମସାତ କରାଯାଇଛି । ଧବଳେଶ୍ୱର ମନ୍ଦିରଠାରୁ କୁସୁମୀ ନାଳ କାର୍ଯ୍ୟ କୋଡ ନମ୍ବର ୧୦୫୭୯୮୭୪ରେ ୧୦ଲକ୍ଷ ମଞ୍ଜୁର କରି ୬୬୭୩୨୬ ଟଙ୍କା ଅର୍ଥ ଆତ୍ମସାତ ହୋଇଛି। ଆମ୍ବପୁଆ ବନ୍ଧକୁ ମିଛ ନାମ ହାଡ଼ି ବନ୍ଧ ନାମ କରଣ କରି ଯାହାର କାର୍ଯ୍ୟ କୋଡ ନମ୍ବର ୧୦୫୦୫୭୦୯ରେ ୬ଲକ୍ଷ ଟଙ୍କା ମଞ୍ଜୁର କରି ୧୧୬୮୩୪ ଟଙ୍କା ବିଲ୍ କରିଛନ୍ତି। ଏହିପରି ସମସ୍ତ ୪ଟି ପ୍ରକଳ୍ପରେ ଝୁଙ୍କାପଡ଼ା ଗ୍ରାମପଞ୍ଚାୟତରେ ମୋଟ ୧୬୩୭୮୨୪ ଟଙ୍କା ଆର୍ଥ ଆତ୍ମସାତ କରିଛନ୍ତି। କିନ୍ତୁ ଲୋକାୟୁକ୍ତ ଟିମ୍ ଭଲ ଭାବରେ ତଦନ୍ତ ନ କରି ଜେଇ ଶଙ୍କର ନାରାୟଣ ସୁବୁଦ୍ଧିଙ୍କ ଇଚ୍ଛାରେ ଅନ୍ୟ ପ୍ରକଳ୍ପ ଜାଗାରେ ମାପଚୁପ କରି ତଦନ୍ତ ସାରି ଭୁବନେଶ୍ୱର ଫେରିଛନ୍ତି। ତେଣୁ ଝୁଙ୍କାପଡ଼ା ଗ୍ରାମର ରାଜୀବ କୁମାର ଜେନା ଲୋକାୟୁକ୍ତରେ କେସ ଦାୟର କରିଥିବା ବେଳେ ଦୁର୍ନୀତିର ଠିକ୍ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ୩୦ ଲକ୍ଷ ଠକେଇ, ଜମି ବ୍ୟବସାୟୀ ଗିରଫ

### ଗୁଜରାଟ ବ୍ୟବସାୟୀଙ୍କୁ ଠକିଥିଲେ

ଭଞ୍ଜନଗର,୨୮।୭(ବାବୁଲା ପ୍ରଧାନ)

ଗୁଜରାଟର ଜଣେ ବ୍ୟବସାୟୀଙ୍କଠାରୁ ୩୦ ଲକ୍ଷ ଠକେଇ ଅଭିଯୋଗରେ ଭଞ୍ଜନଗରର ବାସିନ୍ଦା ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ସ୍ଥାନୀୟ ପୋଲିସ ରବିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗୁଜରାଟର କେ. ହମ୍ପାନି ଭଞ୍ଜନଗରରେ ବ୍ୟବସାୟ କରିବା ପାଇଁ ଯୋଜନା କରିଥିଲେ। ୨୦୨୨ ଫେବୃଆରୀରେ କେତେଜଣ ବ୍ୟବସାୟୀଙ୍କ ସହାୟତାରେ ସେ ଭଞ୍ଜନଗର ଆସି ସୁକାନ୍ତଙ୍କୁ ଭେଟିଥିଲେ। ସୁକାନ୍ତ ବ୍ୟବସାୟୀ ହମ୍ପାନଙ୍କୁ ତାରସିଂ ଥାନା ଅନ୍ତର୍ଗତ ତିନିଛକିଆ ନିକଟରେ ଏକ ଜମି ଯୋଗାଇ ଦେବା ପାଇଁ ତାଙ୍କଠାରୁ ୩୦ ଲକ୍ଷ ଟଙ୍କା ନେଇଥିଲେ। ସୁକାନ୍ତ ଏକ ନକଲି ଚୁକ୍ତିନାମା କରିଥିଲେ। ଏହାର କିଛି ଦିନ ପରେ ଜମି ରେଜିଷ୍ଟ୍ରି ହେବାର ଥିବାରୁ ହମ୍ପାନି ଭଞ୍ଜନଗର ଆସି ଜମିପଟ୍ଟାର ଠିକଣାକୁ ଆଧାର କରି ଭଞ୍ଜନଗର ମାଲ ସାହିରେ ରହୁଥିବା ବ୍ୟବସାୟୀ ପ୍ରଭାକର ମହାପାତ୍ରଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଯାହାକୁ ଅଗ୍ରୀମ ଟଙ୍କା ଦେଇଥିଲେ ସେ ନ ଥିଲେ ଜାଣି ହମ୍ପାନିଙ୍କ ଚିନ୍ତା ବଢିଥିଲା। ପରେ ସେ ଭଞ୍ଜନଗର ଥାନାରେ ସୁକାନ୍ତଙ୍କ ନାଁରେ ଅଭିଯୋଗ କରିଥିଲେ। ସୁଚନାଯୋଗ୍ୟ, ପ୍ରଭାକରଙ୍କ ପ୍ରାୟ ୧୫୦ ଏକର ଜମି ତିନିଛକିଆ ଠାରେ ଅଛି। ଉକ୍ତ ଜମିକୁ ସୁକାନ୍ତ ତାଙ୍କ ଠାରୁ କିଣିବା ପାଇଁ ଏକ ନକଲି ଚୁକ୍ତିନାମା କରିଥିଲେ। ତାହାକୁ ଦେଖାଇ ସେ ଗୁଜରାଟୀ ବ୍ୟବସାୟୀଙ୍କ ଠାରୁ ଅଗ୍ରୀମ ଟଙ୍କା ନେଇଥିଲେ। ଭଞ୍ଜନଗର ଥାନା ଅଧିକାରୀ କୁମର ମୁଦୁଲି କହିଛନ୍ତି, ସୁକାନ୍ତ ଅନ୍ୟ ଜଣଙ୍କ ଜମିକୁ ନିଜର ଦର୍ଶାଇ ଜଣେ ବ୍ୟବସାୟୀଙ୍କ ଠାରୁ ୩୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ସୁକାନ୍ତଙ୍କୁ ଗିରଫ କରାଯାଇଛି। ଥାନାରେ ନଂ.୬୧/୨୪ରେ ଠକେଇ ମାମଲା ରୁଜୁ ହୋଇଛି।

## ରୋଗଣା ମା'ଙ୍କୁ ଘରୁ ତଡ଼ିଦେଲେ ପୁଅ

ପୁରୁଷୋତ୍ତମପୁର,୨୮।୭ (ସିମାଞ୍ଚଳ ମିଶ୍ର)


ଏସଡିପିଓ ବୃଦ୍ଧାଙ୍କ ସମସ୍ୟା ପଚାରି ବୁଝୁଛନ୍ତି।

ପରିଣତ ବୟସରେ ରୋଗଣା ମା'ଙ୍କୁ ପୁଅ ଘରୁ ତଡ଼ି ଦେଇଛନ୍ତି। ଅସହାୟ ବୃଦ୍ଧା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରା ତାରିଣୀ ଛକସ୍ଥିତ ଏକ ଦୋକାନ ବାରଣ୍ଡାରେ ପଡି ରହିଥିବା ଦେଖାଯାଇଥିଲା। ବୃଦ୍ଧା ଜଣକ ହେଲେ ପୁରୁଷୋତ୍ତମପୁର ବ୍ଲକ ବଳରାମପୁର ଗାଁର ବୃଦ୍ଧା ସୁବାସିନୀ ଡ଼ାକୁଆ। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ। ଦୁଇ ଝିଅଙ୍କ ବିବାହ ହୋଇସାରିଛି। ବଡ଼ ପୁଅ ମହେନ୍ଦ୍ର ଡାକୁଆ ସ୍ତ୍ରୀ, ପିଲାଙ୍କୁ ଧରି ତାରାତାରିଣୀ ଛକ ନିକଟରେ ରହୁଥିବା ବେଳେ ସାନ ପୁଅ ରବିନ୍ଦ୍ର ଡାକୁଆ ମୁମ୍ବାଇରେ ରହୁଛନ୍ତି। ମୁମ୍ବାଇରେ ରବୀନ୍ଦ୍ରଙ୍କ ପାଖରେ ସୁବାସିନି ରହୁଥିଲେ। ୫ମାସ ତଳେ ଗାଁ ଫେରି ବଡପୁଅ ପାଖକୁ ଯାଇଥିବା ବେଳେ ସେ ଘରୁ ତଡି ଦେଇଥିଲେ। ତେଣୁ ନିରାଶ ସୁବାସିନୀ ଦୁଇ ଝିଅଙ୍କ ଘରେ କିଛିଦିନ ରହିବା ପରେ ପୁଣି ଗାଁକୁ ଆସି ଏକାକି ରହୁଥିଲେ। ମାତ୍ର ସ୍ୱାସ୍ଥ୍ୟ ସମାସ୍ୟା ଗୁରୁତର ହେବାରୁ ନିରୁପାୟ ହୋଇ ପୁଣି ତାରାତାରିଣି ଛକରେ ରହୁଥିବା ବଡ଼ପୁଅ ଘରକୁ ସପ୍ତାହେ ତଳେ ଆସିଥିଲେ। ହେଲେ ପୁଅ ବୋହୁ ଘରେ ପୁରାଇ ଦେଇ ନ ଥିଲେ। ଏବେ ସୁବାସିନୀ ବେସାହାରା ହୋଇ ସପ୍ତାହେରୁ ଊର୍ଦ୍ଧ୍ୱ ହେଲା ତାରାତାରିଣୀ ଛକରେ ରହିଥିବା ଏକ ଟାୟାର ଦୋକାନ ବାରଣ୍ଡାରେ ପଡିରହି ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଶନିବାର ରାତିରେ ଖବରପାଇ ପୁରୁଷୋତ୍ତମପୁର ଏସଡିପିଓ ରଜନିକାନ୍ତ ସାମଲ ଓ ଆଇଆଇସି ବିପିନ ବିହାରି ହୋତା ସୁବାସିନିଙ୍କ ପାଖକୁ ଯାଇ ସମସ୍ୟା ପଚାରି ବୁଝିବା ପରେ ବଡ ପୁଅ ମହେନ୍ଦ୍ରଙ୍କ ଘରକୁ ଯାଇ ତାଗିଦ୍ କରିବା ସହ ସାନଭାଇକୁ ତୁରନ୍ତ ଆସିବା ଲାଗି ଫୋନ କରିବାକୁ କହିଥିଲେ। ପରେ ପୋଲିସ ଗାଡିରେ ସୁବାସିନିଙ୍କୁ ଆଣି ମହେନ୍ଦ୍ରଙ୍କ ଘରେ ଛାଡିଛି।

## ୟୁରୋ ସ୍କୁଲରେ ଶିକ୍ଷା ସପ୍ତାହ

ଛତ୍ରପୁର,୨୮।୭(ଦିଲ୍ଲୀପ ସାମଲ)



ସ୍ଥାନୀୟ ୟୁରୋ ସ୍କୁଲ ପକ୍ଷରୁ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ୟୁରୋ ସ୍କୁଲର ମୁଖ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନ ଶିକ୍ଷଣୀୟ ଶିକ୍ଷା ଉପକରଣ ଉପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଇଥିବା ବେଳେ ଦ୍ୱିତୀୟ ଦିନ ମୂଳ ସ୍ୱାକ୍ଷରତା ଓ ସଂଖ୍ୟା, ତୃତୀୟ ଦିନ କ୍ରୀଡା ସମ୍ବନ୍ଧୀୟ ଶିକ୍ଷା, ଚତୁର୍ଥ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଶିକ୍ଷାଦାନ, ପଞ୍ଚମ ଦିନ ଦକ୍ଷତା ଓ ଡିଜିଟାଲ ସେବା, ଷଷ୍ଠ ଦିନ ଇକୋ କ୍ଲବ ଓ ପୋଷଣ ସମ୍ବନ୍ଧୀୟ ଏବଂ ଶେଷ ଦିନ ସମ୍ପ୍ରଦାୟର ବିକାଶ ଉପରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିସହିତ ପିଲାଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ସ୍କୁଲର ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର, ପ୍ରିନ୍ସିପାଲ ତପସ୍ୱିନୀ ସାହୁ, ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ପ୍ରଶାସନ ସହ ବିସ୍ଥାପିତଙ୍କ ଆଲୋଚନା ବିଫଳ

**ଛେଲିଗଡ ଜଳସେଚନ ପ୍ରକଳ୍ପ**

ଆର.ଉଦୟଗିରି,୨୮।୭(ମନୋଜ କୁମାର ପାଢୀ)

ଆର୍. ଉଦୟଗିରି ବ୍ଲକ ମହେନ୍ଦ୍ରଗଡସ୍ଥିତ ଛେଲିଗଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ବିସ୍ଥାପିତ ପରିବାରଗୁଡ଼ିକ ସହ ପ୍ରଶାସନିକ ଅଧିକାରୀଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବୈଠକ ବିଫଳ ହୋଇଛି। ନିଜର ହକ୍ ଦାବି କରି ବିଭିନ୍ନ ସମୟରେ ବିକ୍ଷୋଭ ପ୍ରଦର୍ଶନ କରିଆସୁଥିବା ବିସ୍ଥାପିତ ପରିବାରଗୁଡିକୁ ଥଇଥାନ କରିବା, ଠିକ୍ ଭାବରେ କ୍ଷତିପୂରଣ ପ୍ରଦାନ ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଜଳସମ୍ପଦ ବିଭାଗର ଅଧିକାରୀ ମାନେ ଏଥିପାଇଁ ଏକ ମାସ ସମୟ ମାଗିଥିଲେ। ବୁଡି ଅଞ୍ଚଳ ତଥା ବିସ୍ଥାପିତ ପରିବାର ମାନଙ୍କ ପକ୍ଷରୁ କରାଯାଇଥିବା ଦାବିକୁ ପ୍ରଶାସନ ଗ୍ରହଣ କରୁ ନଥିବା ବେଳେ, କୌଣସି ସମାଧାନର ରାସ୍ତା ବାହାରି ପାରିନି। ଦୀର୍ଘ ଘଣ୍ଟାର ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ନ ବାହାରିବାରୁ ବିସ୍ଥାପିତ ପରିବାରଗୁଡିକ ଅସନ୍ତୋଷ ପ୍ରକାଶ କରିଛନ୍ତ। ଯଥାଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୁଡିଅଞ୍ଚଳ ସଂଗ୍ରାମ ସମିତି ଚେତାବନୀ ଦେଇଛି । ସେପଟେ ସମସ୍ତ ବିଷୟକୁ ଧ୍ୟାନ ଦେଇ ସୁବନ୍ଦୋବସ୍ତ କରାଯିବ ବୋଲି ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିରେନ୍ କୁମାର ଜଗତ କହିଛନ୍ତି।

## ଏଚ୍‌ଆଇଭି ସମ୍ପର୍କିତ ଆଲୋଚନାଚକ୍ର

ଫୁଲବାଣୀ,୨୮।୭(ରାକେଶ କୁମାର ରାଉତ)

ଏଚ୍‌ଆଇଭି/ଏଡ୍‌ସ ସମ୍ପର୍କିତ ଏକ ଦିନିକିଆ ଆଲୋଚନାଚକ୍ର ଫୁଲବାଣୀଠାରେ ଆୟୋଜିତ ହୋଇଯାଇଛି। ସ୍ୱାତୀ ଅନୁଷ୍ଠାନ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଲକ୍ଷ୍ୟଙ୍କଭେଦୀ ପ୍ରକଳ୍ପକୁ ସଫଳ ଭାବେ ରୂପାୟନ କରିବା ପାଇଁ ଏହା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଏଚ୍‌ଆଇଭି ସୁପରଭାଇଜର୍ ଦେବାଶିଷ ମିଶ୍ର ଯୋଗଦେଇ ଏଚ୍‌ଆଇଭି ସଂକ୍ରମଣର ମୁଖ୍ୟ ମାଧ୍ୟମଗୁଡିକ ଉପରେ ଆଲୋଚନା କରିଥିଲେ । ସମନ୍ୱିତ ରକ୍ତ ପରୀକ୍ଷା ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଯୋଗଦେଇ ଗର୍ଭବତୀ ମା'ଠାରୁ ତା'ର ଶିଶୁକୁ କିପରି ଏଚ୍‌ଆଇଭି ସଂକ୍ରମଣ ହୋଇଥାଏ ତାହା ଜଣାଇବା ସହ ସେଥିପାଇଁ ଥିବା ଚିକିତ୍ସା ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ବ୍ଲଡବ୍ୟାଙ୍କ ପରିଚାଳନା ସମିତି ସଭ୍ୟ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ହରି ଶଙ୍କର ରାଉତ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪ ଶ୍ରେଣୀରେ ୩୮୦ ଛାତ୍ରୀ, ଖାଲିପଡ଼ିଛି ଶିକ୍ଷକ ପଦବୀ

- ଅବ୍ୟବସ୍ଥା ଘେରରେ ଗଞ୍ଜାମ ବାଳିକା ବିଦ୍ୟାଳୟ
- ଆଜବେଷ୍ଟସ ଘରେ ଚାଲିଛି ପାଠପଢ଼ା

ଗଞ୍ଜାମ,୨୮।୭(ବିଦ୍ୟାଧର ସାହୁ)


ଗଞ୍ଜାମ ସହର କରଣ ସାହି ଷ୍ଟେଶନ ରୋଡଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ।

ଗଞ୍ଜାମ ସହର କରଣ ସାହି ଷ୍ଟେଶନ ରୋଡଠାରେ ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ବହୁ ପୁରାତନ ଏହି ବିଦ୍ୟାଳୟଟି ଅବ୍ୟବସ୍ଥା ଘେରରେ ରହିଛି। ଏହି ସ୍କୁଲ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଶିକ୍ଷା ବିଭାଗର ଦୃଷ୍ଟି ପଡୁନାହିଁ। ଆବଶ୍ୟକ ଶ୍ରେଣୀ ଗୃହ ନାହିଁ । ଆଜବେଷ୍ଟସ ଘରେ ଚାଲିଛି ପାଠପଢା। ଚାରୋଟି ଶ୍ରେଣୀରେ ମୋଟ ୩୮୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ନବମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୬୮ ଜଣ ଛାତ୍ରୀ ଏବଂ ଦଶମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୭୨ ଜଣ ଛାତ୍ରୀ ବସୁଛନ୍ତି। ଗୋଟିଏ ଶ୍ରେଣୀ ଗୃହରେ ୪୦ ପିଲା ବସିବାକୁ ଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଅଧିକ ୩୦ ପିଲା ବସି ପାଠ ପଢିବାକୁ ବାଧ ହେଉଛନ୍ତି ବୋଲି ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ କହିଛନ୍ତି । ଏଥିସହ ଆବଶ୍ୟକ ଶିକ୍ଷକ ପଦବୀ ବହୁ ଦିନ ହେଲା ଖାଲି ପଡ଼ିଥିବା ସେ କହିଛନ୍ତି। ସଂସ୍କୃତ ଶିକ୍ଷକ ପ୍ରତିମା ମିଶ୍ର ଏବଂ କଳା ଶିକ୍ଷକ ରାମଚନ୍ଦ୍ର ବେହେରାଙ୍କ ଅବସର ପରେ ତାଙ୍କ ସ୍ଥାନରେ ଆଉ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ । ଫଳରେ ପିଲାମାନେ କଳା ଓ ସଂସ୍କୃତ ପଢ଼ାରୁ ବଞ୍ଚିତ ହେଉଛନ୍ତି। ୫-ଟି ସ୍କୁଲ ରୂପାନ୍ତରୀକରଣ ବେଳେ ସ୍କୁଲ ପରିସରରେ ଥିବା ଗୋଟିଏ ଶ୍ରେଣୀ ଗୃହକୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ନୂତନ ଗୃହ ନିର୍ମାଣ ହେଲାନି। ଏଥିସହ ସ୍କୁଲରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି । ସେହି ସ୍କୁଲ ପରିସରରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଥିବା ଯୋଗୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଅଛି। ପିଲାଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ପାଣି ବାହାରୁ ଅଣାଯାଉଛି ବୋଲି ରୋଷେଇ କରୁଥିବା ମହିଳାମାନେ ସୂଚନା ଦେଇଛନ୍ତି। ଏତେ ସଂଖ୍ୟକ ପିଲାଙ୍କୁ ଆବଶ୍ୟକ ଖେଳ ପଡିଆ ନାହିଁ । ବର୍ଷା ହେଲେ ପଡିଆ କାଦୁଅ ହୋଇଯାଉଛି । ଫଳରେ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ସହରରେ ବିଭିନ୍ନ ରାଜନୈତିକ ନେତା ଅଛନ୍ତି କିନ୍ତୁ ସହର ତଥା ସ୍କୁଲ କଲେଜର ବିକାଶ ପାଇଁ କାହାର ନିଘା ନାହିଁ ବୋଲି ଆଲୋଚନା ହେଉଛି ।

**ରୋଗୀ ସମ୍ପର୍କୀୟଙ୍କ ମୋବାଇଲ ଚୋରି**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଏମକେସିଜି ମେଡିକାଲ ଭେଷଜ ବିଭାଗରେ ଜଣେ ରୋଗୀ ସମ୍ପର୍କୀୟଙ୍କ ମୋବାଇଲ ଚୋରି ହୋଇଛି। ଗାଙ୍ଗପୁର ଥାନା କଳାସୁତା ଗାଁର ଶ୍ରୀକାନ୍ତ ଗୌଡ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୪୬/୨୪ରେ ଏକ ମାମଲା ରୁଜୁ କରିଛି। ଶ୍ରୀକାନ୍ତଙ୍କ ଭଉଣୀ ଭେଷଜ ବିଭାଗରେ ଚିକିତ୍ସିତ ହେଉଥିବାବେଳେ ସେ ସେଠାରେ ରହୁଥିଲେ। ଶନିବାର ମଧ୍ୟରାତ୍ରରେ ସେ ଉଠି ଦେଖିବାବେଳେ ତାଙ୍କ ନିକଟରେ ଥିବା ମୋବାଇଲ ଗାଏବ ହୋଇଯାଇଥିଲା। ୱାର୍ଡରେ ରହୁଥିବା ଅନ୍ୟ ରୋଗୀ ସମ୍ପର୍କୀୟଙ୍କୁ ପଚରାଉଚରା କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ୱାର୍ଡରେ ଲାଗିଥିବା ସିସିଟିଭି ଫୁଟେଜ ଜରିଆରେ ଯାଞ୍ଚ ପାଇଁ ସେ ଏତଲାରେ ଦର୍ଶାଇଛନ୍ତି।

**ସଂକ୍ଷେପରେ**

## ତାଲାବନ୍ଦ ଘରୁ ସୁନାଗହଣା ଚୋରି

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ସୂର୍ଯ୍ୟନଗର ଅଞ୍ଚଳର ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ କୈଳାସ ଚନ୍ଦ୍ର ବେହେରାଙ୍କ ଘର ତାଲା ଭାଙ୍ଗି ଚୋରି କରିଛନ୍ତି। ତାଙ୍କ ନାତି ଶତ୍ରୁଘ୍ନ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୪୫/୨୪ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ କରୁଛି। କୈଳାସ ଗତ ମାସ ୨୬ ତାରିଖରେ କୌଣସି କାମରେ ସପରିବାର ଛତିଶଗଡ ଯାଇଥିଲେ। ଶନିବାର ସକାଳେ ଉକ୍ତ ଘରର ତାଲା ଭଙ୍ଗାଯାଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ କୈଳାସଙ୍କୁ ଫୋନ କରିଥିଲେ। ଲାଞ୍ଜିପଲ୍ଲୀ ଜେଲ ନିକଟରେ ରହୁଥିବା ତାଙ୍କ ନାତି ଶତ୍ରୁଘ୍ନଙ୍କୁ ଘରକୁ ଯାଇ ଦେଖିବାକୁ କହିଥିଲେ। ପୋଲିସ ଉପସ୍ଥିତିରେ ଶତ୍ରୁଘ୍ନ ଘରକୁ ଯାଇ ଦେଖିବାବେଳେ ଦୁଇ ଆଲମିରା ଭଙ୍ଗା ଯାଇଥିଲା। ସେଥିରେ ଥିବା ସୁନା ଗହଣା ଓ ଟଙ୍କା ଚୋରି ହୋଇଥିବା ବେଳେ ବହୁ ମୂଲ୍ୟବାନ ସାମଗ୍ରୀ ଦୁର୍ବୃତ୍ତମାନେ ଭାଙ୍ଗିଥିବା ଏତଲାରେ ଦର୍ଶାଯାଇଛି।

## ଟ୍ରକ୍ ପଛକୁ ଧକ୍କା ଦେଲା ବସ୍, ୮ ଯାତ୍ରୀ ଆହତ

ଖଲ୍ଲିକୋଟ,୨୮।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ନାରାୟଣୀ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ ପଛରେ ବସ ଧକ୍କା ହେବାରୁ ୮ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତ ଦୁଇ ଜଣ ଯାତ୍ରୀଙ୍କୁ ଓହ୍ଲାଇ ଦେଇ ବସଟି ଚାଲିଯାଇଛି। ଆସିକାରୁ ଦୁର୍ଗାପୁର ଆସାନସୋଲ ଯାଉଥିବା ଘରୋଇ ବସ୍ 'ଡଲଫିନ' (ନଂ.ଓଡି ୦୫ ଭି ୭୧୬୫) ନାରାୟଣୀ ଛକ ନିକଟରେ ଏକ ଟ୍ରକକୁ ଓଭରଟେକ୍ କରୁଥିବା ସମୟରେ ହଠାତ ଭାରସାମ୍ୟ ହରାଇ ଉକ୍ତ ଟ୍ରକ ପଛରେ ଧକ୍କା ହୋଇଥିଲା। ଫଳରେ ବସ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେଥିରେ ଥିବା ୮ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚିବା ପୂର୍ବରୁ ଆହତ ୨ଯାତ୍ରୀଙ୍କୁ ଓହ୍ଲାଇ ଦେଇ ଅନ୍ୟମାନଙ୍କୁ ନେଇ ବସଟି ଚମ୍ପଟ ମାରିଛି। ବସ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଛି।

## ମହିଳାଙ୍କୁ ଠକେଇ ଅଭିଯୋଗ

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କଠାରୁ ଧାର ଟଙ୍କା ନେଇ ଠକେଇ କରିଥିବା ଅଭିଯୋଗ ହୋଇଛି। ଗୋଷାଣୀନୂଆଗାଁ ଥାନା ରାଜାରାଣୀ ରେସିଡେନ୍ସରେ ରହୁଥିବା ପ୍ରତିମା ପ୍ରଧାନଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ.୧୭୫/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଭୁବନେଶ୍ୱରର ଖଣ୍ଡଗିରିରେ ରହୁଥିବା ସୀମାଞ୍ଚଳ ଚୌଧୁରୀ ଓରଫ କାହ୍ନା ପ୍ରତିମାଙ୍କ ସହ ବନ୍ଧୁତା ଗଢ଼ିଥିଲେ। ସମ୍ପର୍କ ନିବିଡ ହେବାରୁ ଗତବର୍ଷ ଜାନୁଆରୀ ୯ ତାରିଖ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀ କ୍ୟାନସରରେ ପୀଡିତ ଅଛନ୍ତି, ତେଣୁ ଟଙ୍କା ଆବଶ୍ୟକ ବୋଲି ମହିଳାଙ୍କୁ କହିଥିଲେ। ସେ କୌଶଳକ୍ରମେ ତାଙ୍କଠାରୁ ୨ ଥରରେ ୨ ଲକ୍ଷ ୮୫ ହଜାର ଟଙ୍କା ଧାର ନେଇଥିଲେ। ଶୀଘ୍ର ଟଙ୍କା ଫେରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଧାରିତ ସମୟରେ ସୀମାଞ୍ଚଳ ଟଙ୍କା ନଫେରାଇବାରୁ ମହିଳା ଜଣକ ତାଙ୍କ ଭାଇ ସହ ଭୁବନେଶ୍ୱର ଯାଇ ସୀମାଞ୍ଚଳଙ୍କୁ ଭେଟିଥିଲେ। ସୀମାଞ୍ଚଳ ତାଙ୍କୁ ଦୁଇଟି ଚେକ ପ୍ରଦାନ କରିଥିଲେ। ଉକ୍ତ ଚେକ ବ୍ୟାଙ୍କରେ ଜମା କରିବା ପରେ ସୀମାଞ୍ଚଳଙ୍କ ଆକାଉଣ୍ଟରେ ଟଙ୍କା ନଥିବା ଯୋଗୁ ତାହା ବାଉନ୍ସ ହୋଇଯାଇଥିଲା। ମହିଳା ଜଣଙ୍କ ସୀମାଞ୍ଚଳଙ୍କୁ ଯୋଗାଯୋଗ କରିବାରୁ ଟଙ୍କା ମାଗିଲେ ମାରିଦେବାକୁ ଧମକ ଦେବାରୁ ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ସୋମନାଥନଗର ଠାରେ ବିଦ୍ୟୁତ ଆଘାତରେ ଜଣେ ନିର୍ମାଣ ଶ୍ରମିକଙ୍କ ରବିବାର ମୃତ୍ୟୁ ହୋଇଛି। ସେ ହେଲେ ସଦର ଥାନା ବେନ୍ଦାଳିଆର କହ୍ନା ଦାସ(୨୨) । ମିସ୍ତ୍ରିଙ୍କ ତତ୍ତ୍ୱାବଧାନରେ କାହ୍ନାଙ୍କ ସମେତ ୩ ଶ୍ରମିକ କାମ କରୁଥିଲେ । କାହ୍ନା ଏକ ଛଡ଼ ଧରି ସେଣ୍ଟ୍ରିଂ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ଶ୍ରମିକମାନେ ତାଙ୍କୁ ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । କାହ୍ନାଙ୍କ ବାପା ଦଣ୍ଡ ଦାସ ଏ ନେଇ ଟାଉନ ଥାନାରେ ଅଭିଯୋଗ କରଛନ୍ତି।

# ବିଶ୍ୱବିଦ୍ୟାଳୟ ପରିସରରେ ୫ ହଜାର ଚାରାରୋପଣ ଲକ୍ଷ୍ୟ

**ସବୁଜିମା ଉପରେ କୁଳପତିଙ୍କ ଗୁରୁତ୍ୱ**

ବ୍ରହ୍ମପୁର,୨୮।୭ (ସ୍ୱାଧୀନ ଶେଖର ପାଢ଼ୀ)


କୁଳପତି ଗୀତାଞ୍ଜଳି ଦାସ ଗଛ ଲଗାଇବାକୁ ପରାମର୍ଶ ଦେଉଛନ୍ତି।

ଜାତୀୟ ସେବା ଯୋଜନା ପିଜି ୟୁନିଟ ପକ୍ଷରୁ ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରାବାସ ପରିସରରେ ବ୍ୟାପକ ଚାରାରୋପଣ କରାଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଚାରାରୋପଣ କରି ଏହି ଅଭିଯାନର ଶୁଭାରମ୍ଭ କରି ସେ କହିଲେ ଯେ, ଗଛ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ଗଛରୁ ଆମେ ଖାଦ୍ୟ ପାଉଥିବାରୁ ସେ ହିଁ ଆମର ମା'। ତେଣୁ ସମସ୍ତେ ଗଛ ଲଗାଇବାକୁ ଭଲ ପାଇବା ଉଚିତ। ତେବେ ଖାଲି ଗଛ ଲଗାଇଲେ ହେବ ନାହିଁ ତାହାର ଯତ୍ନ ନେବା ଆବଶ୍ୟକ। ଆମେ ଯେଉଁଠି ରହିଲେ ବି ଆମ ପରିବେଶ ସବୁଜିମାମୟ ହେବା ଉଚିତ। ଆମ ହାତରେ ହିଁ ସବୁଜିମା ରହିଛି। ହାତରେ ହାତ ମିଶିଲେ ଏହା ସମ୍ଭବ। ତେଣୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶକୁ ସବୁଜିମା କରିବା ଉପରେ ଗୁରୁତ୍ୱ ଦେଇ ସେ କହିଲେ ଯେ, ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଶିକ୍ଷାନୁଷ୍ଠାନ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇବା ଉଚିତ। ଉକ୍ତ ଶିକ୍ଷାନୁଷ୍ଠାନ ପରିସରରେ ଔଷଧୀୟ ଉଦ୍ୟାନ କରିବା ଯୋଜନା ରହିଛି। ମା' ପାଇଁ ଗଛଟିଏ ସ୍ଲୋଗାନ ନେଇ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିବା ସହିତ ଏଥିରେ ସାମିଲ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସତ୍ୟସାଇ ସେବା ସଂଗଠନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ସହ ଛାତ୍ରବାସର ଅନ୍ତେବାସୀମାନେ ଭାଗ ନେଇ ନୂତନ ଛାତ୍ରାବାସ ପରିସରରେ ଗଛ ଲଗାଇଥିଲେ। ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଗଛକୁ ପୋଷ୍ୟ ଭାବେ ଗ୍ରହଣ କରି ତା'ର ରକ୍ଷଣାବେକ୍ଷଣ କରିବା ପାଇଁ କୁଳପତି ଆହ୍ୱାନ ଦେଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟ ନିକଟରେ ଥିବା ବିମାନବନ୍ଦର ସଂପ୍ରସାରଣ ଯୋଗୁଁ ବ୍ୟାପକ ଗଛ କଟାଯାଇଥିବାରୁ ବୃକ୍ଷରୋପଣ କରିବାର ଆବଶ୍ୟକତା ରହିଛି। ଗଛର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ପର୍ଯ୍ୟାୟକ୍ରମେ ବିଶ୍ୱବିଦ୍ୟାଳୟ ପରିସରରେ ୫ହଜାର ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଙ୍କର୍ଷଣ ମଲ୍ଲିକଙ୍କ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ୱାର୍ଡେନ ପ୍ରଫେସର ସୁଧାକର ପାତ୍ର, ଏନଏସଏସ ବ୍ୟୁରୋ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଷ ସାହୁ, ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗୋପାଳ ରାଓ, ନୂତନ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ରଘୁନାଥ ପାତ୍ର, ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ପବିତ୍ର ସିଂ, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଇତିଶ୍ରୀ ଗୀତାକୁମାରୀ, ଶକ୍ତିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା


ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୮।୭(ସ୍ମୃତି ରଞ୍ଜନ ମହାଲିକ)

ଗଜପତିନଗର ଓ ରାମହରିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗଜପତିନଗର ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟର ସଭାପତି ରାମ ପ୍ରସାଦ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦୀପକ ମହାରଣା ଯୋଗ ଦେଇଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୋଷାଧ୍ୟକ୍ଷ ତରୁଣ କୁମାର ପାଢି, ଉପସଭାପତି ସୁପ୍ରଭା ପାତ୍ର, ସଂପାଦକ ଅନ୍ତର୍ଯ୍ୟାମୀ ଗୌଡ, ଯୁଗ୍ମ ସଂପାଦକ ଜି ଶ୍ରୀନିବାସ ଆଚାରୀ ଓ ସଦସ୍ୟା ସରିତା କୁମାରୀ ସାହୁ ମଞ୍ଚାସୀନ ଥିଲେ। ବିଜ୍ଞାନ ମେଳାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୩୦, ଶିଶୁ ବର୍ଗର ୪୦ ପ୍ରକଳ୍ପ, ବାଲ ବର୍ଗର ୨୦, କିଶୋର ବର୍ଗର ୧୫, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ଯୁଗ୍ମ ମଞ୍ଚ, ପତ୍ର ବାଚନ, ପ୍ରୟୋଗ, ମୂର୍ତ୍ତି କଳା, କଥା କଥନ, ଦେଶତ୍ମାବୋଧକ ଗୀତ ଗାନ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଓ କିରଣ ମିଶ୍ର ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ରାମହରିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳାରେ ୫୭୦ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ନିର୍ଦ୍ଦେଶକ ଡ. ନିଖିଳାନନ୍ଦ ପାଣିଗ୍ରାହୀ ଯୋଗ ଦେଇ ଶିଶୁଙ୍କୁ ଉଦବୋଧନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ ହରେକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ସଭାପତି ଗୋକୁଳ କୃଷ୍ଣ ପଣ୍ଡା, ସଂପାଦକ ସୁରେଶ କୁମାର ବିଶୋୟୀ ଓ ସଦସ୍ୟା କଳ୍ପନା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଚାର୍ଯ୍ୟ ପ୍ରସାଦ କୁମାର ଦାଶ ଅତିଥି ପରିଚୟ ଓ ଆଚାର୍ଯ୍ୟ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ସହ ଆଚାର୍ଯ୍ୟ ଅଶୋକ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ।

# ଅଧ୍ୟାୟୀଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କଲେ ଭାଷା-ସାହିତ୍ୟ ଅଧ୍ୟାପନା ସଫଳ ହେବ


ସଂଗୋଷ୍ଠୀ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ଚତୁର୍ଥ ବାର୍ଷିକ ସମ୍ମିଳନୀ**

ବ୍ରହ୍ମପୁର,୨୮।୭ (ସ୍ୱାଧୀନ ଶେଖର ପାଢ଼ୀ)

ଜଣେ ଅଧ୍ୟାପିକା କିମ୍ବା ଅଧ୍ୟାପିକ ଶ୍ରେଣୀକକ୍ଷରେ ଅଧ୍ୟାୟୀଙ୍କ ମନରେ ଯେତେବେଳେ ଉତ୍କଣ୍ଠା ଓ ଜିଜ୍ଞାସାବୋଧ ସୃଷ୍ଟି କରିବାରେ ସମର୍ଥ ହେବେ ସେତେବେଳେ ଓଡ଼ିଆ ଭାଷା-ସାହିତ୍ୟ ଅଧ୍ୟାପନା ସଫଳ ହେବ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୨ ଦିନିଆ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳାର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ, ଶ୍ରେଣୀକକ୍ଷରେ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ଅଧ୍ୟାପକମାନେ ଯତ୍ନବାନ ହେବା ଆବଶ୍ୟକ। ପ୍ରଫେସର ବାଉରିବନ୍ଧୁ ସାହୁ, ଲୋକ ସଂସ୍କୃତିବିତ ଡ. କମ୍ବୁପାଣି ସାମନ୍ତ ଓ ଡ. ରଘୁନାଥ ମେହେର ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ଅଧ୍ୟାପନା ଶୈଳୀ ସଂପର୍କରେ କହିଥିଲେ। କର୍ମଶାଳାର ଉଦଘାଟନୀ କାର୍ଯ୍ୟକ୍ରମରେ ସଂଗୋଷ୍ଠୀର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ। ସଂଗୋଷ୍ଠୀର ସଂପାଦକ ଶାନ୍ତି ନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଶରତ କୁମାର ଜେନା ସମ୍ମିଳନୀ ଓ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ସୁଶାନ୍ତ ଦାସ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଅଧ୍ୟାପକଙ୍କ ଶିକ୍ଷାଦାନ ଦକ୍ଷତା ବୃଦ୍ଧି ନେଇ ମାର୍ଗଦର୍ଶନ କରିଥିଲେ। ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଂଗୋଷ୍ଠୀର ଆଞ୍ଚଳିକ ସଂଯୋଜକ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠିତ ୩ଟି ଅଧିବେଶନରେ 'ସାହିତ୍ୟର ସ୍ୱରୂପ ଓ ପରିଭାଷା', 'ସର୍ଜନଶୀଳତାରେ ଆଧାର ଓ ଅନୁଷଙ୍ଗ' ଏବଂ 'ସାହିତ୍ୟ ଓ ସର୍ଜନଶୀଳତା' ଉପରେ ଆଲୋଚନା ହୋଇଥିଲା। ତୃତୀୟ ଅଧିବେଶନରେ ଟିକିଟି ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ସଞ୍ଜୟ କୁମାର ପଣ୍ଡା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ସଚିବ ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. କୁଳମଣି ଓଝା, ଅଧ୍ୟାପକ ହୃଷୀକେଶ ମହାଖୁଡ଼ ପ୍ରମୁଖ ଆଲୋଚନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଓ ଡ. କୁଳମଣି ଓଝା ପାରମ୍ପରିକ ଚଉପଦୀ, ଚମ୍ପୁ ଓ ଓଡ଼ିଶୀ ସଂଗୀତ ପରିବେଷଣ କରିଥିଲେ। ନଟରାଜ କଳା ମନ୍ଦିରର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଆଇକୋନିକ ଓଏଭିରେ ଗଞ୍ଜାମର ୮୬ ବିଦ୍ୟାର୍ଥୀ ଚୟନ

ବ୍ରହ୍ମପୁର,୨୮।୭ (ସ୍ୱାଧୀନ ଶେଖର ପାଢ଼ୀ)

୨୦୨୪-୨୫ ଶିକ୍ଷାବର୍ଷ ଏକାଦଶ ଶ୍ରେଣୀରେ ଅଧ୍ୟୟନ ପାଇଁ ସାରା ରାଜ୍ୟରୁ ୫୦୦ ଛାତ୍ରୀଛାତ୍ର ପ୍ରୋଭିଜନାଲ ଭାବରେ ଚୟନ ହୋଇଛନ୍ତି । ସେଥିରେ ଗଞ୍ଜାମ ଜିଲାର ୮୬ ବିଦ୍ୟାର୍ଥୀ ଅଛନ୍ତି। ସିବିଏସସି ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ବିଦ୍ୟାର୍ଥି ଗତ ୨୫ ତାରିଖରେ ଆଇକୋନିକ ଓଏଭି (ସିଏଇ) ପରୀକ୍ଷା ଦେଇଥିଲେ। ସେଠାରେ ମେଧା ତାଲିକା ଭିତ୍ତିରେ ଉକ୍ତ ସ୍କୁଲରେ ଅଧ୍ୟୟନ ପାଇଁ ବିଦ୍ୟାର୍ଥି ଚୟନ ହୋଇଛନ୍ତି । ସେମାନଙ୍କୁ ନାମଲେଖା ପାଇଁ ଆଗାମୀ ତାରିଖ ଜଣାଇ ଦିଆଯିବ ବୋଲି ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଚିଠିରୁ ସୂଚନା ମିଳିଛି । ୨୦୨୧ରେ ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇକୋନିକ ଓଏଭିରେ ନିର୍ମାଣ ହୋଇଥିଲା । ଏହି ବିଦ୍ୟାଳୟରେ ରାଜ୍ୟର ୩୧୪ ବ୍ଲକର ମନୋନୀତ ବିଦ୍ୟାର୍ଥି ଅଧ୍ୟୟନର ସୁଯୋଗ ପାଇବେ। ସେଠାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ୫୦୦ ଲେଖାଏ ସମୁଦାୟ ୧୦୦୦ ଛାତ୍ରୀଛାତ୍ର ଅଧ୍ୟୟନର ସୁଯୋଗ ରହିଛି। ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ, ଗଣିତ ଓ ଭାଷା ପ୍ରୟୋଗଶାଳା, ଉଚ୍ଚ ପ୍ରଯୁକ୍ତି ବିଦ୍ୟା ସଂପନ୍ନ କମ୍ପ୍ୟୁଟର ପ୍ରୟୋଗଶାଳା ସହ ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହିତ ଜ୍ଞାନ ଆଦାନପ୍ରଦାନର ବ୍ୟବସ୍ଥା ରହିଛି । ସେହିଭଳି ଗୁଣାତ୍ମକ ଶିକ୍ଷାଦାନ ପାଇଁ ଜଣେ ଟିମ ଲିଡରଙ୍କ ଅଧିନରେ ମେଧାବୀ ଶିକ୍ଷକମାନେ କାମ କରିବେ।

## ପୋଖରୀରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଜବତ

ଗୋପାଳପୁର,୨୮।୭(ନବୀନ ରାଜ ଆଚାରୀ)

ନିଖୋଜ ଥିବା ଛାତ୍ରୀଙ୍କ ତିନି ଦିନ ପରେ ଗୋପାଳପୁର ଥାନା ପୋଲିସ କରାପୁଲୀର ଏକ ପୋଖରୀରୁ ମୃତଦେହ ଜବତ କରିଛି। ସେ ହେଲେ ଗୋପାଳପୁର ଦଳିତ ସାହିର ସ୍ନେହଲତା ନାୟକ (୧୮)। ଗୋପାଳପୁର ଏନ୍ଏସିରେ ସ୍ନେହଲତା ପରିବାର ଲୋକଙ୍କ ସହ ରହୁଥିଲେ। ସେ ରାମଚନ୍ଦ୍ରପୁରଠାରେ ଥିବା ଏକ ଘରୋଇ ଆଇଟିଆଇ କଲେଜର ସ୍ନେହଲତା ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଗତ ଗୁରୁବାର ସକାଳେ ଘର ପାଇଁ ରେସନ ଆଣିବାକୁ ସ୍ନେହଲତା ଯାଇଥିଲେ। ରାତି ହେଲେ ମଧ୍ୟ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ଏ ନେଇ ପରିବାର ଲୋକ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭/୨୪ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର କରାପୁଲୀ ଗ୍ରାମର ଏକ ପୋଖରୀରୁ ଛାତ୍ରୀଙ୍କ ମୃତଦେହ ଜବତ କରାଯାଇଥିଲା। ଛାତ୍ରୀଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ନଂ ୧୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ନେହଲତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। କିଭଳି କେଉଁ ପରିସ୍ଥିତିରେ ସ୍ନେହଲଲତାଙ୍କ ମୃତଦେହ ପୋଖରୀରେ ଭାସିଲା ତାହାକୁ ନେଇ ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି।

## ସବୁଜ ବାହିନୀ ପାଳିଲା ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଲଣ୍ଡା ପାହାଡରେ ସବୁଜ ବାହିନୀ ସଦସ୍ୟମାନେ ।

ବ୍ରହ୍ମପୁର,୨୮।୭ (ସ୍ୱାଧୀନ ଶେଖର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ବଣିଆମାରି ସଂରକ୍ଷିତ ଜଙ୍ଗଲରେ ରବିବାର ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଜଙ୍ଗଲ ପାଇଁ ମଞ୍ଜିଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଣ୍ଡା ପାହାଡରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ବିଭିନ୍ନ ସମୟରେ ସଂଗଠନ ପକ୍ଷରୁ ଶିକ୍ଷାନୁଷ୍ଠାନ, ମହିଳା ସଂଗଠନମାନଙ୍କୁ ନେଇ ଜଙ୍ଗଲ ପାଇଁ ମଞ୍ଜିଟିଏ କାର୍ଯ୍ୟକ୍ରମ କରାଯାଉଛି। ବ୍ରହ୍ମପୁର ସବୁଜ ବାହିନୀ ବିଗତ ଦିନରେ ବିଭିନ୍ନ ଘରୁ ଆଣିଥିବା ମଞ୍ଜିଗୁଡିକୁ ଛତ୍ରପୁର ରାମଚଣ୍ଡୀ ସ୍ଥିତ ଜିଙ୍ଗଲ,ଚନ୍ଦନିଆ ପାହାଡ଼, ରାମଗୁଡା ସଂରକ୍ଷିତ ଜଙ୍ଗଲ ମାନଙ୍କରେ ରୋପଣ କରିଆସୁଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ,ଉପସଭାପତି ଏମ ଦିଲ୍ଲୀପ କୁମାର, ସମ୍ପାଦକ ଏ ପ୍ରକାଶ,ସହସମ୍ପାଦକ ପି ବିନୋଦ, ପ୍ରସନ୍ନ ସ୍ୱାଇଁ,ପ୍ରବୀଣ ନାୟକ, ବାଲାଜୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତ ସ୍କାଉଟ ଓ ଗାଇଡ୍ସର ପ୍ରାକ୍ ପ୍ରସ୍ତୁତି ଶିବିର


ଶିବିରରେ ସ୍କାଉଟ ଗାଇଡ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୮।୭ (ସ୍ୱାଧୀନ ଶେଖର ପାଢ଼ୀ)

ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଭାରତ ତ ସ୍କାଉଟ ଏବଂ ଗାଇଡ୍ସର ରାଜ୍ୟପାଳ ପରୀକ୍ଷା ସକାଶେ ପ୍ରାକ ପ୍ରସ୍ତୁତି ଶିବିର ହୋଇଯାଇଛି। ଗଞ୍ଜାମ ଜିଲା ସ୍କାଉଟ ଗାଇଡସର ମୁଖ୍ୟ କମିଶନର ତଥା ଜିଲା ଶିକ୍ଷାଧିକାରୀ ଅମୀତା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏବଂ ଜିଲା ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିବିର ସଙ୍ଗଠନ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳିତ ହୋଇଯାଇଛି। ଶିବିରରେ ୩୫୦ ସ୍କାଉଟ ଗାଇଡ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଗାଇଡ ଜିଲ୍ଲା ତାଲିମ କମିଶନର ସ୍ୱପ୍ନ ପାଣିଗ୍ରାହୀ, ସମୀର ପାଣିଗ୍ରାହୀ, ରାଜ୍ୟ ମେମ୍ବର ରାଜେଶ ପାତ୍ର ପ୍ରମୁଖ ଯୋଗ ଦେଇ ନଟିଂ, ଲାସିଙ୍ଗ, ଝଣ୍ଡାଗୀତ, ପ୍ରାର୍ଥନା ଗୀତ, ସ୍କାଉଟ ଗାଇଡସର ଇତିହାସ, ପ୍ରାଥମିକ ଚିକିତ୍ସା ଭଳି ବିଷୟରେ ତାଲିମ ଦିଆଯାଇଥିଲା। ସ୍କାଉଟ ଗାଇଡ କିଭଳି ପ୍ରତିକୂଳ ପରିବେଶର ମୁକାବିଲା କରିପାରିବେ ତାହା ଶିଖିଥିଲେ । ସ୍କୁଲ ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା ଶିବିର ଉଦଘାଟନ କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ। ସ୍କାଉଟ ମାଷ୍ଟର ଘନଶ୍ୟାମ ସେଠୀ, ଶ୍ରୀନୁପାତ୍ର, ଜୟକୃଷ୍ଣ ପାତ୍ର, ଗାଇଡ କ୍ୟାପଟେନ ଅରୁନ୍ଧତି ପାଢ଼ୀ, ସୂର୍ଯ୍ୟମଣି ନାୟକ, ସୁନିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର

ବ୍ରହ୍ମପୁର,୨୮।୭(ସ୍ମୃତି ରଞ୍ଜନ ମହାଲିକ)

ଶିଶୁ ସାହିତ୍ୟ ବିକାଶ ପରିଷଦର ବର୍ଷା ସାହିତ୍ୟ ଆସର ରବିବାର ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିକ୍ଷାବିତ ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ହାରିତସ ଓ କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ଅତିଥି ରୂପେ ଯୋଗ ଦେଇଥିଲେ। ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ସଂପାଦକୀୟ ପାଠ କରିଥିଲେ। ଶିଶୁଙ୍କୁ ବିଭିନ୍ନ ଋତୁ ସଂପର୍କରେ ଅବଗତ ଓ ପରିବେଶ ସୁରକ୍ଷା କିଭଳି କରାଯିବା ସେ ନେଇ ଅବଗତ କରାଯାଇଥିଲା। ଉପଦେଷ୍ଟା ବିଜୟ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ମୋହନ କୁମାର ସ୍ୱାଇଁ, ସଂଗଠନ ସଂପାଦକ ସୁଦାମ ପାଣିଗ୍ରାହୀଙ୍କ ସମେତ ଲିଙ୍ଗରାଜ ଜେନା, ବିଜୟ ଚନ୍ଦ୍ର ମହାରଣା, ପ୍ରେମ ଶିଳା ନନ୍ଦ ଓ ଶଙ୍କର୍ଷଣ ତ୍ରିପାଠୀ ପ୍ରମୁଖ ସ୍ୱରଚିତ ବର୍ଷା ସଂପର୍କିତ ଓ ଅନ୍ୟାନ୍ୟ ଶିଶୁ କବିତା ପାଠ କରିଥିଲେ।

# ୭୧ କୋଟିରେ ନିର୍ମାଣ ହେବ ଗେଟ ବଜାର ଫ୍ଲାଏଓଭର ବ୍ରିଜ

ବ୍ରହ୍ମପୁର,୨୮।୭(ସ୍ମୃତି ରଞ୍ଜନ ମହାଲିକ)


ବୈଠକରେ ଉପସ୍ଥିତ ବିଧାୟକ, ଜେନେରାଲ ମ୍ୟାନେଜର ଓ ଅନ୍ୟମାନେ।

ଗେଟ ବଜାର ଫ୍ଲାଏଓଭର ବ୍ରିଜ ନିର୍ମାଣ ନେଇ ରବିବାର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ସର୍କିଟ ହାଉସଠାରେ ସମୀକ୍ଷା କରିଛନ୍ତି। ଏଥିରେ ଓଡିଶା ବ୍ରିଜ କନଷ୍ଟ୍ରକସନ କର୍ପୋରେଶନର ଗଞ୍ଜାମ ଓ ପୁରୀ ଦାୟିତ୍ୱରେ ଥିବା ଜେନେରାଲ ମ୍ୟାନେଜର ଜୟ କୁମାର ଦାଶ ଉପସ୍ଥିତ ଥିଲେ। ଫ୍ଲାଏଓଭର ବ୍ରିଜର ଟେଣ୍ଡର ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ଏଗ୍ରିମେଣ୍ଟ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରାଯାଇଥିବା ନେଇ ବିଧାୟକ କହିଛନ୍ତି। ୭୧ କୋଟି ଟଙ୍କା ବ୍ୟୟରେ ଏହି ବ୍ରିଜ ନିର୍ମାଣ ହେବ। ନୀଳାଦ୍ରିବିହାର ଛକଠାରୁ ଆରମ୍ଭ ହୋଇ ସିଟି ହସ୍ପିଟାଲ ପୁରୁଣା ଗେଟ ନିକଟରେ ବ୍ରିଜ ସରିବ। ଏଗ୍ରିମେଣ୍ଟ ପ୍ରକ୍ରିୟା ସରିବା ପରେ ୨ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ। ୧୮ ମାସ ମଧ୍ୟରେ କାର୍ଯ୍ୟ ସରିବା ଲକ୍ଷ୍ୟ ରଖାଯାଇଛି। ଏଥିସହ ସହରରେ ଆଉ ୨ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ପୁରୁଣା ବସଷ୍ଟାଣ୍ଡଠାରୁ ବିଜିପୁର ଛକ ଓ ଟାଟାବେଞ୍ଚ ଛକଠାରୁ ବୈଦ୍ୟନାଥପୁର ଛକ ଯାଏଁ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ବିଧାୟକ କହିଛନ୍ତି।

ସେହିପରି ସହରର ନୂଆ ବସଷ୍ଟାଣ୍ଡର ପୁନରୁଦ୍ଧାର କରାଯିବ। ଏଥିସହ ରାସ୍ତା, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଓ ଶୌଚାଳୟ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଜେଡିଏ ସଚିବ ରମେଶ ହାଂସଦା ଓ ଯନ୍ତ୍ରୀ ଲିଙ୍ଗରାଜ ସୁବୁଦ୍ଧି ଉପସ୍ଥିତ ଥିଲେ।

